**ସଂକ୍ଷେପରେ**

## ଅତିରିକ୍ତ ଜିଲାପାଳ ଭାବେ ପ୍ରମୋଦ ପୃଷ୍ଟିଙ୍କ ଦାୟିତ୍ୱ ଗ୍ରହଣ



ଛତ୍ରପୁର,୯।୨ (ଦିଲ୍ଲୀପ ସାମଲ): ଗଞ୍ଜାମ ଜିଲାର ନୂତନ ଅତିରିକ୍ତ ଜିଲାପାଳ (ସାଧାରଣ) ଭାବେ ପ୍ରମୋଦ କୁମାର ପୃଷ୍ଟି ଶୁକ୍ରବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ୨୦୦୦ ବ୍ୟାଚ ଓଏଏସ ଶ୍ରୀ ପୃଷ୍ଟି ଏହା ପୂର୍ବରୁ ପୁରୀ ଶ୍ରୀଜଗନ୍ନାଥ ମନ୍ଦିରର ଡେପୁଟି ପ୍ରଶାସନିକ (ରାଜସ୍ୱ) ଭାବେ କାର୍ଯ୍ୟରତ ଥିଲେ। ଦାୟିତ୍ୱ ଗ୍ରହଣ ଅବସରରେ ସେ କହିଛନ୍ତି, ସରକାରଙ୍କ ସମସ୍ତ ଉନ୍ନୟନ ଯୋଜନାର ସଫଳ କାର୍ଯ୍ୟ କରି ତାକୁ ଗୁରୁତ୍ୱ ଦିଆଯିବ। ଏଥିଲାଗି ସମସ୍ତ ପ୍ରୟାସ ଜାରି ରହିବ। ସେହିପରି ଗଞ୍ଜାମ ଜିଲାର ସୁନାମକୁ ବଜାଇ ରଖିବା ତାଙ୍କର ପ୍ରଥମ ଲକ୍ଷ୍ୟ ବୋଲି ସେ କହିଛନ୍ତି। ନୂତନ ଭାବେ ସେ ଆଜି ଦାୟିତ୍ୱ ଗ୍ରହଣ କରିବା ପରେ କାର୍ଯ୍ୟାଳୟର ସମସ୍ତ ପଦ ଅଧିକାରୀ ଓ କର୍ମଚାରୀ ତାଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସ୍ୱାଗତ କରିଥିଲେ।

## ଜିଲା ନଗର ଉନ୍ନୟନ ସଂସ୍ଥାର ନୂତନ ପ୍ରକଳ୍ପ ନିର୍ଦ୍ଦେଶକ



ଛତ୍ରପୁର,୯।୨(ଦିଲ୍ଲୀପ ସାମଲ) : ଗଞ୍ଜାମ ଜିଲା ସହରାଞ୍ଚଳ ଉନ୍ନୟନ ସଂସ୍ଥାର ନୂତନ ପ୍ରକଳ୍ପ ନିର୍ଦ୍ଦେଶକ ଭାବେ ସୁଧାଂଶୁ କୁମାର ଭୋଇ ଶୁକ୍ରବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ୨୦୦୦ ବ୍ୟାଚ ଓଏଏସ ଭୋଇ ଏହା ପୂର୍ବରୁ ରାଉରକେଲା ମହାନଗର ନିଗମର ଡେପୁଟି କମିଶନର ଭାବେ କାର୍ଯ୍ୟରତ ଥିଲେ। ଗଞ୍ଜାମ ଜିଲାର ସହରାଞ୍ଚଳର ବିକାଶ ତଥା ସ୍ୱଚ୍ଛ ପରିବେଶ ରଖିବା ସହିତ ମୁକ୍ତା ସମେତ ସରକାରଙ୍କ ବିଭିନ୍ନ ଉନ୍ନୟନ ଯୋଜନାର ସଫଳ କାର୍ଯ୍ୟକାରିତାକୁ ଗୁରୁତ୍ୱ ଦେବେ ବୋଲି କହିଛନ୍ତି। ଏଥିଲାଗି ସମସ୍ତ ପ୍ରୟାସ ଜାରି ରହିବ। ଦାୟିତ୍ୱ ଗ୍ରହଣ କରିବା ପରେ କାର୍ଯ୍ୟାଳୟର ସମସ୍ତ ଅଧିକାରୀ ଓ କର୍ମଚାରୀ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସ୍ୱାଗତ କରିଥିଲେ।

## ସ୍ତ୍ରୀଙ୍କୁ ନିର୍ଯାତନା, ସ୍ୱାମୀ ଗିରଫ

ଛତ୍ରପୁର,୯।୨(ସନ୍ତୋଷ ପାଢୀ): ଚମାଖଣ୍ଡି ଥାନା ଅଧୀନ ଆଇଆରଇ ପ୍ଲାଣ୍ଟରେ ନିୟୋଜିତ କନଷ୍ଟେବଲ ଚନ୍ଦ୍ରକାନ୍ତ ଦାସ ଗିରଫ ହୋଇଛନ୍ତି। ତାଙ୍କ ପତ୍ନୀ ଶୁଭଲକ୍ଷ୍ମୀଙ୍କୁ ଶାରିରୀକ ଓ ମାନସିକ ନିର୍ଯାତନା ଦେବା ଅଭିଯୋଗରେ ସେ ଗିରଫ ହୋଇ କୋର୍ଟ ଚାଲାଣ ହୋଇଛନ୍ତି। ସୂଚନା ଅନୁସାରେ ଚନ୍ଦ୍ରକାନ୍ତ ଚମାଖଣ୍ଡି ଥାନା ମାଟିଖାଲରେ ଭଡ଼ା ଘରେ ରହୁଥିବା ସହ ଆଇଆରଇ ପ୍ଲାଣ୍ଟରେ ସୁରକ୍ଷା କାର୍ଯ୍ୟରେ ନିୟୋଜିତ ଥିଲେ। ଚନ୍ଦ୍ରକାନ୍ତ ଶାରିରୀକ ଓ ମାନସିକ ନିର୍ଯାତନା ଦେଉଥିବା ନେଇ ସ୍ତ୍ରୀ ଶୁଭଲକ୍ଷ୍ମୀ ଚମାଖଣ୍ଡି ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା (୩୭/୨୪) ରୁଜୁ କରି ଚନ୍ଦ୍ରକାନ୍ତଙ୍କୁ ଗିରଫ କରିଛି।

## ମୁଖ୍ୟମନ୍ତ୍ରୀଙ୍କୁ ସମସ୍ୟା ଜଣାଇଲେ ବିଧାୟିକା

ଆସିକା,୯।୨ (ସୁରେନ୍ଦ୍ର ନାଥ ସାହୁ) ଆସିକା ବିଧାୟିକା ମଞ୍ଜୁଳା ସ୍ୱାଇଁ ଶୁକ୍ରବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ସାକ୍ଷାତ କରି ଆସିକା ଅଞ୍ଚଳର କେତେକ ସମସ୍ୟା ଜଣାଇବା ସହ ଏଥିପ୍ରତି ଧ୍ୟାନ ଦେବାକୁ ନିବେଦନ କରିଛନ୍ତି। ଆସିକା ସହରକୁ ବନ୍ୟା ଦାଉରୁ ରକ୍ଷା କରିବା ଲାଗି ରାଜ୍ୟ ସରକାର ନେଇଥିବା ପଦକ୍ଷେପକୁ ତ୍ୱରାନ୍ୱିତ କରିବା, ଆସିକା ବ୍ଲକର ଚେରମାରିଆ ନିକଟରେ ଋଷିକୂଲ୍ୟା ନଦୀ ଉପରେ ନିର୍ମାଣ କରାଯାଇଥିବା ସେତୁର କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଯାଇଥିବାରୁ ତୁରନ୍ତ ଏହାକୁ ଲୋକାର୍ପିତ କରିବା, ରାଜ୍ୟ ସରକାରଙ୍କ ପକ୍ଷରୁ ବିଭିନ୍ନ ଧାର୍ମିକ ପୀଠସ୍ଥଳିର ଉନ୍ନତୀକରଣ କାର୍ଯ୍ୟକ୍ରମରେ ସାମିଲ ହୋଇପାରି ନ ଥିବା ଅଞ୍ଚଳର କେତେକ ଧାର୍ମିକ ପୀଠସ୍ଥଳି ପାଇଁ ଅନୁଦାନ ପ୍ରଦାନ କରିବାକୁ ଜଣାଇଛନ୍ତି।

# ଧାର୍ଯ୍ୟ ଲକ୍ଷ୍ୟ ପୂରଣକୁ ଗୁରୁତ୍ୱ

ଛତ୍ରପୁର,୯।୨(ଦିଲ୍ଲୀପ ସାମଲ):



ରାଜସ୍ୱ ସମୀକ୍ଷା ବୈଠକରେ ଉପସ୍ଥିତ ଅତିରିକ୍ତ ଜିଲାପାଳ ଓ ଅଧିକାରୀମାନେ।

ଗଞ୍ଜାମ ଜିଲା ରାଜସ୍ୱ ସମୀକ୍ଷା ବୈଠକ ଅତିରିକ୍ତ ଜିଲାପାଳ (ରାଜସ୍ୱ) ଦେବବ୍ରତ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ୨୦୨୩-୨୪ ଆର୍ଥିକ ବର୍ଷରେ ବିଭିନ୍ନ ବିଭାଗର ଲକ୍ଷ୍ୟ ଧାର୍ଯ୍ୟକୁ ପୂରଣ କରିବା ପାଇଁ କୁହାଯାଇଛି। ସଡ଼କ ଦୁର୍ଘଟଣାରେ ଅଧିକ ଲୋକ ମୃତ୍ୟୁ ଘଟୁଥିବାରୁ ଗଞ୍ଜାମ ପରିବହନ ବିଭାଗ ପକ୍ଷରୁ ବ୍ୟାପକ ସଚେତନତା ସମେତ ଗାଡି ଚେକିଂକୁ ଜୋରଦାର କରିବାକୁ କୁହାଯାଇଛି। ସେହିପରି ଗଞ୍ଜାମ ଓ ବ୍ରହ୍ମପୁର ଅବକାରୀ ବିଭାଗକୁ ଜିଲାରେ ବେଆଇନ ମଦ କାରବାର, ଚୋରାଚାଲାଣ ରୋକିବାକୁ କୁହାଯାଇଛି। ଆଗକୁ ସାଧାରଣ ନିର୍ବାଚନ ରହିଥିବାରୁ ଏନଫୋର୍ସମେଣ୍ଟ ଟିମ ଗଠନ କରି ପୋଲିସ ଓ ତହସିଲ ମିଳିତ ଭାବେ ଚଢାଉକୁ ଜୋରଦାର କରିବାକୁ କୁହାଯାଇଛି। ଜିଲାରେ ୧୪୨ଟି ସୈରାତଗୁଡିକ ପରିଚାଳନା ଓଡିଶା ରାଜ୍ୟ ଇସ୍ପାତ ଓ ଖଣିଜ ବିଭାଗ ହାତକୁ ଚାଲିଯାଇଛି। ସେଥିରୁ ୮୧ଟି ବିଭିନ୍ନ ସୈରାତଗୁଡିକ କାର୍ଯ୍ୟକ୍ଷମ ହୋଇ ଇ.ପାସ କରାଯାଇଛି। ବଳକାଗୁଡିକ କାର୍ଯ୍ୟକ୍ଷମ କରିବାକୁ କୁହାଯାଇଛି। ୧୨ଟି ତହସିଲରେ ୨୯୩୮ଟି ସକିମ ପଟ୍ଟା ରହିଥିବା ବେଳେ ସେଥିରୁ ୩୦୦ ପଟ୍ଟା ପ୍ରଦାନ କରାଯାଇଥିବା ବେଳେ ବଳକା ତୁରନ୍ତ ସାରିବା ପାଇଁ କୁହାଯାଇଛି। ସେହିପରି ଜିଲାରେ ୨୨ ହଜାରରୁ ଊର୍ଦ୍ଧ୍ୱ ଗ୍ରାମକଣ୍ଠ ପଟ୍ଟା ସେଟଲ ହେବାକୁ ବାକି ରହିଥିବା ବେଳେ ଏହା ତୁରନ୍ତ ସେଟଲ କରିବାକୁ କୁହାଯାଇଛି। ବୈଠକରେ ଭୂ-ଅର୍ଜନ ଅଧିକାରୀ ଡ.ଦୟାସିନ୍ଧୁ ପରିଡା, ଗଞ୍ଜାମ ଆରଡିଓ ମାନସ ରଞ୍ଜନ ସାହୁ, ଭଞ୍ଜନଗର ଆରଟିଓ ଶୁଭେନ୍ଦୁ ରାୟ, ଗଞ୍ଜାମ ଓ ବ୍ରହ୍ମପୁର ଅବକାରୀ ଅଧୀକ୍ଷକ, ମାଇନିଙ୍ଗ ଅଧିକାରୀଙ୍କ ସମସ୍ତ ତହସିଲଦାରଙ୍କ ସମେତ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# ସ୍ୱାମୀଙ୍କୁ ଆଜୀବନ କାରାଦଣ୍ଡ

**ସ୍ତ୍ରୀଙ୍କୁ ହତ୍ୟା କରି ପ୍ରମାଣ ନଷ୍ଟ ମାମଲା**

ହିଞ୍ଜିଳିକାଟୁ, ୯।୨( ଦ୍ୱିତୀକୃଷ୍ଣ ପଣ୍ଡା): ଗଞ୍ଜାମ ଜିଲା ହିଞ୍ଜିଳି ଥାନା ଅନ୍ତର୍ଗତ କଙ୍କେଇକୋଳି ଗ୍ରାମରେ ୨୦୧୮ ମସିହାରେ ସ୍ତ୍ରୀଙ୍କୁ ହତ୍ୟା କରି ପୋଡ଼ି ମାରିଦେବା ଘଟଣାରେ ଶୁକ୍ରବାର ଛତ୍ରପୁର ଏଡିଜେ ମୁଖ୍ୟ ଅଭିଯୁକ୍ତ ସ୍ୱାମୀଙ୍କୁ ଆଜୀବନ କାରାଦଣ୍ଡାଦେଶ ଦେଇଛନ୍ତି। ଅଭିଯୁକ୍ତ ସ୍ୱାମୀ ହେଲେ କଙ୍କେଇକୋଳି ଗ୍ରାମର ଏନ. ଗଣେଶ। ପ୍ରକାଶ ଯେ, ୨୦୧୮ରେ କଙ୍କେଇକୋଳି ଗ୍ରାମର ଏନ. ଗଣେଶଙ୍କ ସହ ପିଉଳ ଗ୍ରାମ ବଡ଼ଡେରାସାହିର ଏନ. ଲତାଙ୍କ ବିବାହ ହୋଇଥିଲା। ବାହାଘର ପରେ ଲତାଙ୍କୁ ଶାଶୁଘର ଲୋକେ ନିର୍ଯାତନା ଦେଉଆସୁଥିଲେ। ୨୦୧୮ ସେପ୍ଟେମ୍ବର ୭ରେ ଗଣେଶଙ୍କ ପରିବାର ଲୋକେ ଅଧିକ ଯୌତୁକ ଲୋଭରେ ଏନ୍. ଲତାଙ୍କୁ ଶାରିରିକ ନିର୍ଯାତନା ଦେବା ସହ ଏକ ଗାମୁଛାରେ ଶ୍ୱାସରୁଦ୍ଧ କରି ହତ୍ୟା କରିଥିଲେ। ପରେ ପ୍ରମାଣ ନଷ୍ଟ କରିବା ଉଦ୍ଦେଶ୍ୟରେ ମୃତଦେହକୁ ମଶାଣିରେ ପୋଡ଼ି ଦେଇଥିଲେ। ସେହିଦିନ ସକାଳେ କବିସୂର୍ଯ୍ୟନଗରରେ ରହୁଥିବା ଲତାଙ୍କ ପିଉସୀଙ୍କୁ ଏନ. ଗଣେଶ ଫୋନକରି ଲତା ଆତ୍ମହତ୍ୟା କରିଥିବା ଜଣାଇଥିଲେ। ପିଉସୀଙ୍କଠାରୁ ଲତାଙ୍କ ଭାଇ ଏ. ତାରିଣୀ ପୋଲୁ ଖବର ପାଇ ହିଞ୍ଜିଳି ଥାନାରେ ତାଙ୍କ ଭଉଣୀଙ୍କୁ ଶାଶୁଘର ଲୋକେ ହତ୍ୟା କରିଥିବା ଅଭିଯୋଗ କରିଥିଲେ। ତତ୍କାଳୀନ ଥାନା ଆଇଆଇସି ପ୍ରଶାନ୍ତ କୁମାର ସାହୁ ଓ ପୋଲିସ ଟିମ ମଶାଣିରୁ ହାଡ଼, ପାଉଁଶ ଓ ଗୋଟିଏ ଗାମୁଛା ଜବତ କରିଥିଲେ। ଲତାଙ୍କ ସ୍ୱାମୀ ଏନ. ଗଣେଶ, ଶାଶୁ ଏନ. ଦେବାକୁମାରୀ, ଦେଢଶୁର ଏନ. ବାଲରାଜୁ, ଶବଦାହ କରିଥିବା ଅଭିଯୋଗରେ ଗ୍ରାମର ବାବୁ ସେଠୀ, ସୁଦର୍ଶନ ବେହେରା, ଶ୍ୟାମ ସାହୁଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଥିଲା। ସମସ୍ତ ସାକ୍ଷ୍ୟ ପ୍ରମାଣକୁ ଭିତ୍ତିକରି ବିଚାରପତି ମୁଖ୍ୟ ଅଭିଯୁକ୍ତ ସ୍ୱାମୀ ଏନ. ଗଣେଶଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଥିବା ବେଳେ ଅନ୍ୟ ଅଭିଯୁକ୍ତମାନଙ୍କୁ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି।

# ପ୍ରଶାସନ ତରଫରୁ ଝୋଟ ବ୍ୟାଗ ପ୍ରଦାନ



ହିତାଧିକାରୀଙ୍କୁ ଝୋଟବ୍ୟାଗ ବଣ୍ଟନ କରୁଛନ୍ତି ଜିଲାପାଳ।

ପାରଳାଖେମୁଣ୍ଡି, ୯।୨ (ଗିରିଧାରୀ ପରିଛା): ଗଜପତି ଜିଲା ସଦର ମହକୁମା ପାରଳାଖେମୁଣ୍ଡି ପୌରପରିଷଦର ୱାର୍ଡ ନଂ-୧ ଓମ ଶାନ୍ତି କୋଲୋନୀଠାରେ ପ୍ରଶାସନ ପକ୍ଷରୁ ଝୋଟ ତିଆରି ବ୍ୟାଗ ପ୍ରଦାନର ଶୁଭାରମ୍ଭ କରାଯାଇଛି। ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ତରଫରୁ ଜିଲାର ପ୍ରତ୍ୟେକ ହିତାଧିକାରୀ ପରିବାର ଲୋକଙ୍କୁ ୨ଟି ଲେଖାଏଁ ୨୦ କେଜି ଓ ୧୦ କେଜି ଝୋଟ ବ୍ୟାଗ ପ୍ରଦାନ କରାଯାଇଛି। ଏହାର ଉଦ୍ଦେଶ୍ୟ ଆମ ସାହି, ଆମ ସହର, ଆମ ଜିଲା ଓ ରାଜ୍ୟକୁ ସ୍ୱଚ୍ଛ ରଖିବା। ସବୁଜ ଓଡ଼ିଶା ଗଠନ ପାଇଁ ଦୈନିକ ଜୀବନରେ ପ୍ଲାଷ୍ଟିକ ବ୍ୟବହାର ହ୍ରାସ କରିବା ଓ ପରିବେଶର ସୁରକ୍ଷା ରଖିବା ମୂଳ ଉଦ୍ଦେଶ୍ୟ। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲା ପରିଷଦ ଅଧ୍ୟକ୍ଷ ଜି.ତିରୁପତି ରାଓ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବରେ ଅଧ୍ୟକ୍ଷା ପୌରପରିଷଦ ନିର୍ମଳା ସେଠୀ, ଜିଲାପାଳ ସ୍ମୃତି ରଞ୍ଜନ ପ୍ରଧାନ, ଅତିରିକ୍ତ ଜିଲାପାଳ ବୀରେନ୍ଦ୍ର କୁମାର ଦାସ ଓ ପୌରପରିଷଦ ନିର୍ବାହୀ ଅଧିକାରୀ ସୁଜିତ କୁମାର ଚୌଧୁରୀ ପ୍ରମୁଖ ମଞ୍ଚାସୀନ ଥିଲେ। ଏହି କାର୍ଯ୍ୟକ୍ରମରେ ଜିଲା ଯୋଗାଣ ଅଧିକାରୀ ପ୍ରଫୁଲ୍ଲ କୁମାର ବେହେରା ସମସ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିବା ବେଳେ ଏଆରସିଏସ୍ ହରିହର ସେଠ ଉପସ୍ଥିତ ଥିଲେ।

# ଭାଜପାର ଗାଁକୁ ଚାଲ ଅଭିଯାନରେ ସାମିଲ ହେଲେ ଲେଖାଶ୍ରୀ

ଫୁଲବାଣୀ, ୯।୨(ରାକେଶ କୁମାର ରାଉତ): ଭାଜପା ଗାଁକୁ ଚାଲ ଅଭିଯାନ ଆରମ୍ଭ କରିଛି। ଶୁକ୍ରବାର କନ୍ଧମାଳ ଜିଲାରେ ଭାଜପା ରାଜ୍ୟ ସଭାନେତ୍ରୀ ଲେଖାଶ୍ରୀ ସାମନ୍ତସିଂହାର ଗାଁ ଗାଁରେ ପହଁଚି ଲୋକଙ୍କ ସୁଖଃଦୁଃଖରେ ସାମିଲ ହୋଇଛନ୍ତି। ସେ ଗ୍ରାମର ଲୋକମାନଙ୍କୁ କେନ୍ଦ୍ର ସରକାରଙ୍କ ଯୋଜନା ବିଷୟରେ ସଚେତନ କରାଇଛନ୍ତି। ପ୍ରଥମେ ଲେଖାଶ୍ରୀ ଖଜୁରୀପଡ଼ା ବ୍ଲକ୍ ପିରିକୁଡି ପଞ୍ଚାୟତରେ ପହଞ୍ଚି ଗାଁକୁ ଚାଲ ଅଭିଯାନ ଆରମ୍ଭ କରିଥିଲେ। ଜିଲାର ବରିଷ୍ଠ କାର୍ଯ୍ୟକର୍ତ୍ତାଙ୍କ ସହ ବିଭିନ୍ନ ଗାଁକୁ ଯାଇ ଲୋକମାନଙ୍କ ସହ ସମ୍ପର୍କ ସ୍ଥାପନ କରିଥିଲେ। ପ୍ରଧାନମନ୍ତ୍ରୀ ଆବାସ ଯୋଜନାଠାରୁ ଆରମ୍ଭ କରି ମାଗଣା ଚାଉଳ, ପାଇଖାନା ପର୍ଯ୍ୟନ୍ତ ଗରିବ ଲୋକମାନଙ୍କୁ କେନ୍ଦ୍ର ସରକାର ଯୋଗାଇ ଦେଉଥିବା ବିଭିନ୍ନ ଯୋଜନା ଉପରେ ସମସ୍ତଙ୍କୁ ଅବଗତ କରିଥିଲେ। ଏହାପରେ ତୁଡିପାଜୁ ନବୋଦୟ ବିଦ୍ୟାଳୟରେ ପହଞ୍ଚି ସେଠାରେ ବିଭିନ୍ନ ବ୍ଲକର ୧୦୦ଟି ସ୍କୁଲର ଛାତ୍ରୀଛାତ୍ରଙ୍କୁ ଫୁଟବଲ ବଣ୍ଟନ କରିଥିଲେ। ଏହି ଅବସରରେ ପିଲାମାନଙ୍କ ସହ ପାଠ୍ୟକ୍ରମ ଉପରେ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଭାଜପାର ବହୁ କାର୍ଯ୍ୟକର୍ତା ସାମିଲ ଥିଲେ।

# ଓଡ଼ିଆ ଭାଷା ସାହିତ୍ୟ ପ୍ରତିଯୋଗିତା ସରିଲା



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିବୃନ୍ଦ।

ଦିଗପହଣ୍ଡି,୯।୨(ଅଶେଷ ନାଥ ମିଶ୍ର) ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ତଥା ଜଗନ୍ନାଥ ସଂସ୍କୃତିର ପ୍ରଚାର ଓ ପ୍ରସାର ପାଇଁ ଦିଗପହଣ୍ଡି ସ୍ଥିତ ବିଜୁ ପଟ୍ଟନାୟକ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଚାଲିଥିବା ନୂଆ-ଓ ଓଡ଼ିଆ ଭାଷା ସାହିତ୍ୟ ପ୍ରତିଯୋଗିତା ଶୁକ୍ରବାର ଉଦଯାପିତ ହୋଇଯାଇଛି। ବିଦ୍ୟାଳୟ ଅଧ୍ୟକ୍ଷା ସସ୍ମିତା କୁମାରୀ ପାଠୀଙ୍କ ଅଧ୍ୟକ୍ଷତା ଏବଂ ନୋଡାଲ ଅଧିକାରୀ ସୁଧୀର କାନ୍ତ ପଣ୍ଡାଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ହୁମ୍ମା ସଲ୍ଟ ମହାବିଦ୍ୟାଳୟର ଅଧ୍ୟକ୍ଷ ନିରଞ୍ଜନ ରଥ, ସାହିତ୍ୟିକ ହରପ୍ରସାଦ ରଥ, ଭୀଷ୍ମଗିରି ରାମଜୀ ସ୍ନାତକ ମହାବିଦ୍ୟାଳୟର ଅଧ୍ୟକ୍ଷ ନିହାର ରଞ୍ଜନ କର, ପୋଟିଳିମା ଖାମ୍ବେୟାଦୋରା ବିଜ୍ଞାନ ମହାବିଦ୍ୟାଳୟର ଅଧ୍ୟାପକ ସଞ୍ଜୟ କୁମାର ଷଡ଼ଙ୍ଗୀ ଏବଂ ଅବସରପ୍ରାପ୍ତ ଅଧ୍ୟାପିକା ଗୀତାଞ୍ଜଳି ମହାନ୍ତି ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ କୃତୀ ଛାତ୍ରୀମାନଙ୍କୁ ପୁରସ୍କୃତ କରାଯିବା ସହ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା। ଅଧ୍ୟାପିକା ଅଧ୍ୟାପକମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ୩ ବଖରା ଜଳିଗଲା

ଖଲ୍ଲିକୋଟ,୯।୨(ପ୍ରଶାନ୍ତ କୁମାର ମିଶ୍ର) ଖଲ୍ଲିକୋଟ ବ୍ଲକ ବିକ୍ରମପୁର ପଞ୍ଚାୟତ ସାକରପୋଇ ଗ୍ରାମରେ ଅଗ୍ନିକାଣ୍ଡ ଘଟି ୩ ବଖରା ଜଳିଯାଇଛି। ଗୁରୁବାର ବିଳମ୍ବିତ ରାତିରେ ହଠାତ ଅଗ୍ନିକାଣ୍ଡ ଘଟି ଗ୍ରାମର ଶଶି ପରିଡ଼ା ଓ ମାୟା ପରିଡ଼ାଙ୍କ ଘରେ ନିଆଁ ଲାଗି ୩ ବଖରା ଜଳି ଉଠିଥିଲା। ସ୍ଥାନୀୟ ଲୋକଙ୍କଠାରୁ ଖବରପାଇ ଖଲ୍ଲିକୋଟ ଅଗ୍ନିଶମ ବାହିନୀ ଗ୍ରାମରେ ପହଞ୍ଚି ଗ୍ରାମବାସୀଙ୍କ ସହୟତାରେ ଦୀର୍ଘ ଏକ ଘଣ୍ଟା ଅକ୍ଲାନ୍ତ ପରିଶ୍ରମ କରି ନିଆଁକୁ ଆୟତ୍ତ କରିଥିଲେ। ସେତେବେଳକୁ ଘର ସହ ଭିତରେ ଥିବା ଆସବାବପତ୍ର ପୋଡି ପାଉଁଶ ହୋଇଯାଇଥିଲା। ତେବେ ଅଗ୍ନିକାଣ୍ଡର ପ୍ରକୃତ କାରଣ ଜଣାପଡୁନାହିଁ। ଶୁକ୍ରବାର ସ୍ଥାନୀୟ ପ୍ରଶାସନ ଗ୍ରାମରେ ପହଞ୍ଚି ତଦନ୍ତ କରି ଫେରିଥିବା ସୂଚନା ମିଳିଛି।

## କାଠଗଦାରୁ ୩ ବନ୍ଧୁକ ଜବତ



ମୋହନା,୯।୨(ମନ୍ମଥ ମିଶ୍ର) ଗଜପତି ଜିଲା ଅଡବା ଥାନା ଅନ୍ତର୍ଗତ ରାଜଖମା ଗ୍ରାମର ୩ ଜଣଙ୍କ ବାରିରୁ ପୋଲିସ ୩ଟି ବନ୍ଧୁକ ଜବତ କରିଛି। ବନ୍ଧୁକଗୁଡ଼ିକରେ ଗୁଳି ଭର୍ତ୍ତି ହୋଇ ଥିବା ଜଣାପଡିଛି। ରାଜଖମା ଗ୍ରାମରେ ବନ୍ଧୁକ ଥିବା ବିଶେଷ ସୂତ୍ରରୁ ଖବରପାଇ ଅଡବା ପୋଲିସ ଏକ ଟିମ୍ ଗଠନ କରି ସେଠାରେ ଚଢ଼ାଉ କରିଥିଲା। ଗ୍ରାମର ୩ ଜଣ ବ୍ୟକ୍ତିଙ୍କ ଘର ବାରିପଟେ ଥିବା କାଠଗଦା ତଳୁ ୩ଟି ଦେଶୀ ବନ୍ଧୁକ ପୋଲିସ ଜବତ କରିଛି। ତେବେ ଆଗକୁ ନିର୍ବାଚନ ଥିବା ବେଳେ ଏଭଳି ଚଢ଼ାଉ ଜାରି ରହିବ ବୋଲି ଥାନାଧିକାରୀ ଶୁଭ୍ରାନ୍ତ କୁମାର ପଣ୍ଡା କହିଛନ୍ତି।

## ଯୁବକଙ୍କୁ ମରଣାନ୍ତକ ଆକ୍ରମଣ

ଛତ୍ରପୁର,୯।୨ (ଦିଲୀପ ସାମଲ): ଛତ୍ରପୁର ଥାନା ଅନ୍ତର୍ଗତ ବିପୁଳିଙ୍ଗି ଗ୍ରାମର ଜଣେ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ ହୋଇଛି। ଆକ୍ରମଣ ଶିକାର ହୋଇଥିବା ଯୁବକ ହେଲେ ହରିଜନ ସାହିର ଶଙ୍କର ଦାସ। ଶୁକ୍ରବାର ସେ ବାଇକ ଯୋଗେ ଘରକୁ ଫେରିବା ବେଳେ ତାଙ୍କର ଦୁଇଜଣ ସମ୍ପର୍କୀୟ ଖଣ୍ଡାରେ ଆକ୍ରମଣ କରିଥିଲେ। ତାଙ୍କୁ ଉଦ୍ଧାର କରି ଗ୍ରାମବାସୀ ଛତ୍ରପୁର ମେଡିକାଲକୁ ପଠାଇଥିଲେ। ପରେ ବ୍ରହ୍ମପୁର ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିବା ଜଣାପଡ଼ିଛି।

# ଓଡ଼ିଆ ସାହିତ୍ୟ ପ୍ରତିଯୋଗିତା ଉଦ୍‌ଯାପିତ



କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରୁଛନ୍ତି ଅତିଥି।

ବୁଗୁଡ଼ା,୯।୨(କାଳିଚରଣ ଦାଶ) ସ୍ଥାନୀୟ ଶ୍ରୀବଳଦେବଜୀଉ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଚାଲିଥିବା ନୂଆ-ଓ ଓଡ଼ିଆ ସାହିତ୍ୟ ପ୍ରତିଯୋଗିତା ଉଦଯାପନୀ ଓ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ମନୋଜ କୁମାର ସ୍ୱାଇଁଙ୍କ ପୌରହିତ୍ୟରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଫେସର ଡଃ ସୁବାସ ଚନ୍ଦ୍ର ପରିଡା ମୁଖ୍ୟ ଅତିଥି, ଭଞ୍ଜନଗର କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ ଡଃ କୃତିବାସ ବିଶ୍ୱାଳ ମୁଖ୍ୟବକ୍ତା ଭାବେ ଓ ସମ୍ମାନିତ ଅତିଥି ଭାବେ ତେନ୍ତୁଳିଆ ଦେବସ୍ଥାନ ମହବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ ତଥା ବିକ୍ଷିପ୍ତା ସାହିତ୍ୟ ପ୍ରତିଷ୍ଠାନର ସମ୍ପାଦକ ଡଃ ଶ୍ୟାମା ପ୍ରସାଦ ମିଶ୍ର, ଚ୍ୟାମ୍ବର ଅଫ୍ କମର୍ସର ସଭାପତି ସତ୍ୟ ନାରାୟଣ ଦାଶ ପ୍ରମୁଖ ଯୋଗ ଦେଇ ଛାତ୍ରୀମାନଙ୍କୁ ସାହିତ୍ୟ ଓ ଜଗନ୍ନାଥ ସଂସ୍କୃତି ସମ୍ପର୍କରେ କହିଥିଲେ। ଏହି ଅବସରରେ ପୂର୍ବରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ନୋଡାଲ ଅଧିକାରୀ ଅଧ୍ୟାପକ ବିଭୂତି ଭୂଷଣ ମିଶ୍ରଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମର ପ୍ରାରମ୍ଭରେ ଡେମୋନଷ୍ଟ୍ରେଟର୍ କଳ୍ପନା ପଣ୍ଡା ଅତିଥି ପରିଚୟ ପ୍ରଦାନ କରିଥିଲେ। ଅଧ୍ୟାପକ ପ୍ରଭାକର ଡ଼ାକୁଆ ଧନ୍ୟବାଦ ଅର୍ପଣ କରିଥିଲେ। ସମସ୍ତ ଅଧ୍ୟାପିକା ଅଧ୍ୟାପକ ଓ କର୍ମଚାରୀ ସହଯୋଗ କରିଥିଲେ।

# ପୁରୁଷୋତ୍ତମପୁର ଜଗନ୍ନାଥ ମନ୍ଦିର ପରିଚାଳନା ଟ୍ରଷ୍ଟି ନିଯୁକ୍ତ



ନାରାୟଣ ମହାପାତ୍ର

ପୁରୁଷୋତ୍ତମପୁର,୯।୨(ସୀମାଞ୍ଚଳ ମିଶ୍ର) ପୁରୁଷୋତ୍ତମପୁର ରଥସାହି ଜଗନ୍ନାଥ ମନ୍ଦିର ପରିଚାଳନା ଟ୍ରଷ୍ଟି ଭାବେ ନାରାୟଣ ମହାପାତ୍ର ନିଯୁକ୍ତ ହୋଇଛନ୍ତି। ବ୍ରହ୍ମପୁର ଦେବୋତ୍ତର ବିଭାଗର ଅତିରିକ୍ତ ସହକାରୀ କମିଶନର ତାଙ୍କୁ ନିଯୁକ୍ତ କରିବା ସହ ମନ୍ଦିରର ସମସ୍ତ ଦାୟିତ୍ୱ ହସ୍ତାନ୍ତର କରିବା ଲାଗି ପୂର୍ବତନ ଟ୍ରଷ୍ଟିଙ୍କୁ ଚିଠିରେ ନିର୍ଦ୍ଦେଶ ଦେଇଛନ୍ତି। ସୂଚନାଯୋଗ୍ୟ, ମନ୍ଦିର ପରିଚାଳନା ଲାଗି ଗତ ଡିସେମ୍ବର ୧୫ ତାରିଖରେ ନିର୍ଦ୍ଦେଶନାମା ଚିଠି ନଂ ୧୭୧୯(୧୧) ପ୍ରକାରେ ୧୧ ଜଣିଆ କମିଟିକୁ ନିଯୁକ୍ତି ଦେଇଥିଲେ। ଏଥିରେ ପୁରୁଷୋତ୍ତମପୁର ତହସିଲଦାର, ଏସଡିପିଓ, ଆଇଆଇସିଙ୍କ ସମେତ ଶିକ୍ଷାବିତ୍ ସୁବାଶ ଚନ୍ଦ୍ର ପାଢୀ, ପ୍ରଦ୍ୟୁମ୍ନ ମହାପାତ୍ର, ଆଇନଜୀବୀ ମନୋଜ କୁମାର ମହାପାତ୍ର, ଗଣମାଧ୍ୟମ ପ୍ରତିନିଧି ସୁରେନ୍ଦ୍ର ମହାନ୍ତି, ଠିକାଦାର ପ୍ରତାପ ଚନ୍ଦ୍ର ପଣ୍ଡା, ସମାଜସେବୀ ନାରାୟଣ ମହାପାତ୍ର, ନିରଞ୍ଜନ ମହାପାତ୍ର, ପରିବା ବ୍ୟବସାୟୀ ସଂଘ ସଭାପତି କିଶୋର ଚନ୍ଦ୍ର ଦାଶଙ୍କୁ ନିଯୁକ୍ତି ଦେଇ ସେଥିମଧ୍ୟରୁ ପରିଚାଳନା ଟ୍ରଷ୍ଟି ନିର୍ବାଚନ କରିବା ଲାଗି ନିର୍ଦ୍ଦେଶ ଦେଇଥିଲେ। ଏହାକୁ ନେଇ ଗତ ଜାନୁଆରି ୨୪ ତାରିଖରେ ହୋଇଥିବା ନିର୍ବାଚନରେ ନାରାୟଣ ମହାପାତ୍ର ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିଲେ।

# ବସୁନ୍ଧରା ଯୋଜନାରେ ଜମି ପଟ୍ଟା ବଣ୍ଟନ



ଦାରିଙ୍ଗବାଡି,୯।୨(ଅରୁଣ ସାହୁ) ଦାରିଙ୍ଗବାଡି ଅଞ୍ଚଳରେ ଅନେକ ଗରିବ ଶ୍ରେଣୀର ଲୋକେ ଅଛନ୍ତି। ସରକାର ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଗୃହ ଯୋଗାଇ ଦେଉଥିଲେ ସୁଦ୍ଧା ଜମି ନ ଥିବାରୁ ସେମାନେ ଏହି ଯୋଜନାରୁ ବଞ୍ଚିତ ହେଉଛନ୍ତି। ଏବେ ଉକ୍ତ ପରିବାରଗୁଡିକୁ ରାଜ୍ୟ ସରକାର ଜମି ପଟ୍ଟା ଯୋଗାଇ ଦେବାକୁ ପଦକ୍ଷେପ ନେଇଛନ୍ତି। ଗରିବ ଶ୍ରେଣୀର ଜମିହୀନଙ୍କୁ ରାଜ୍ୟ ସରକାର ବସୁନ୍ଧରା ଯୋଜନାରେ ଜମି ଯୋଗାଇ ଦେବା ସହ ଘରବାରୀ ପାଇଁ ଜମିପଟ୍ଟା ଯୋଗାଇ ଦେଉଛନ୍ତ। ଶୁକ୍ରବାର ଦାରିଙ୍ଗବାଡି ତହସିଲ କାର୍ଯ୍ୟାଳୟ ପରିସରରେ ଜମିପଟ୍ଟା ବଣ୍ଟନ କରାଯାଇଥିଲା। ଏଥିରେ ବ୍ଲକ ଅଧ୍ୟକ୍ଷ ସୁଶାନ୍ତ କୁମାର ପ୍ରଧାନ ଯୋଗଦେଇ ଭୂମିହୀନଙ୍କୁ ପଟ୍ଟା ବଣ୍ଟନ କରିଥିଲେ। ତହସିଲଦାର ଶରତ ଶବର, ଅତିରିକ୍ତ ତହସିଲଦାର କୃଷ୍ଣଚନ୍ଦ୍ର ନାୟକ, ରାଜସ୍ୱ ନିରୀକ୍ଷକ ସୁବ୍ରତ କୁମାର ମଲିକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପ୍ରଥମ ଦିନ ୧୨ ଜଣଙ୍କୁ ପଟ୍ଟା ବଣ୍ଟନ କରାଯାଇଥିବା ବେଳେ ଶତାଧିକ ଭୂମିହୀନଙ୍କୁ ଜମିପଟ୍ଟା ପ୍ରଦାନ କରାଯିବାକୁ ପ୍ରସ୍ତୁତି ଚାଲିଥିବା ତହସିଲଦାର କହିଛନ୍ତି।

# ବର୍ଷା ନାହିଁ, ଜଙ୍ଗଲ ପୋଡ଼ି ବଢ଼ିବା ଆଶଙ୍କା

**ବାରମ୍ବାର ନିଆଁ ଲାଗିଲେ ନୂତନ ଜଙ୍ଗଲ ସୃଷ୍ଟିରେ ବାଧା ହେବ**



ଡିଏଫଓ ଉଦ୍‌ବୋଧନ ଦେଉଛନ୍ତି।

ଭଞ୍ଜନଗର,୯।୨(ବାବୁଲା ପ୍ରଧାନ): ଭଞ୍ଜନଗର ଉତ୍ତର ଘୁମୁସର ବନଖଣ୍ଡ କେନ୍ଦ୍ରୀୟ ବନାଞ୍ଚଳ ଅନ୍ତର୍ଗତ ଶାଲୁଆପଲ୍ଲୀ ନର୍ସରୀ ପରିସରରେ ଶୁକ୍ରବାର ଜଙ୍ଗଲ ପୋଡି ରୋକିବା ଉପରେ ଏକ ସଚେତନତା କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ ରେଞ୍ଜର କୁମର ବେହେରା ଅଧ୍ୟକ୍ଷତା କରିଥିଲେ। ଡିଏଫଓ ସୁଦର୍ଶନ ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆଗକୁ ବର୍ଷା ହେବାର ସମ୍ଭାବନା ନାହିଁ ବୋଲି କହିଥିଲେ। ତେଣୁ ଏହି ବନଖଣ୍ଡରେ ଜଙ୍ଗଲ ପୋଡି ବଢିବା ଆଶଙ୍କା ରହିଛି। ଏହାକୁ ଆଖି ଆଗରେ ରଖି କର୍ମଚାରୀମାନେ ବନ ସୁରକ୍ଷା ସମିତି କର୍ମକର୍ତ୍ତା ସହ ମିଶି ନିଆଁକୁ ଦମନ ପାଇଁ ପଦକ୍ଷେପ ନେବାକୁ ପଡିବ। ଜଙ୍ଗଲରେ ନିଆଁ ବାରମ୍ବାର ଲାଗିଲେ ନୂତନ ଜଙ୍ଗଲ ସୃଷ୍ଟିରେ ବାଧା ଉପୁଜିଛି। ଜଙ୍ଗଲରେ ତିନୋଟି ସ୍ତରର ଗଛ ଥାଏ। ଗୋଟିଏ ଛୋଟ ଗଛ। ଦ୍ୱିତୀୟଟି ମଧ୍ୟମ ଧରଣର ଓ ତୃତୀୟଟି ବଡ଼ ଗଛ। ଜଙ୍ଗଲ ପୋଡ଼ି ହେଲେ ପ୍ରଥମ ଗଛ ନଷ୍ଟ ହୋଇଯାଏ। ପୁଣି ତାହା ହେବାକୁ ବର୍ଷେ ଲାଗିବ। ଯଦି ଉକ୍ତ ଜଙ୍ଗଲରେ ନିଆଁ ବାରମ୍ବାର ଲାଗିବ ତେବେ ସେଠାରେ ନୂତନ ଜଙ୍ଗଲ ସୃଷ୍ଟି ସମ୍ଭାବନା ବହୁତ କମ। ଯେହେତୁ ଉକ୍ତ ମାଟି କଠିନ ହୋଇଯାଇଥାଏ। ତେଣୁ ଏହାକୁ ଆଖି ଆଗରେ ରଖି ଆମେ ପଦକ୍ଷେପ ନେବାକୁ ପଡିବ ବୋଲି ଶ୍ରୀ ବେହେରା କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏସିଏଫ ବିକ୍ରମ ଦେବ ପଟ୍ଟନାୟକ, ସୁବ୍ରତ କୁମାର ପାତ୍ର, ପରିବେଶବିତ ରାଜେନ୍ଦ୍ର ଦାସ, ଅନୁପମ ବାନାର୍ଜୀ, ସୁରେଶ ସ୍ୱାଇଁ, ଅବସରପ୍ରାପ୍ତ କଲେଜ ଅଧ୍ୟକ୍ଷ ଡ. ପୂର୍ଣ୍ଣଚନ୍ଦ୍ର ତ୍ରିପାଠୀ, ରେଞ୍ଜର ବିମ୍ବାଧର ସାହୁ, ପୃଥିବୀ ରାଜ ପ୍ରଧାନ, ଶିବରାମ ନାୟକ, ଭଞ୍ଜନଗର ଦମକଳବାହିନୀ କେନ୍ଦ୍ର ଅଧିକାରୀ ସମୀର ବିଶ୍ୱାଳ ପ୍ରମୁଖ ଯୋଗଦେଇ ଉଦବୋଧନ ଦେଇଥିଲେ।

